ଧରିତ୍ରୀ
DHARITRI

# ପୁରୀ କଲିକତା ମଧ୍ୟରେ କ୍ରୁଜ୍ ଚଳାଚଳ ଯୋଜନା

ଭୁବନେଶ୍ୱର, 19-12(ବ୍ୟୁରୋ)–ପୁରୀରୁ କଲିକତା ମଧ୍ୟରେ ଏକ କ୍ରୁଜ୍ ଚଳାଚଳ ପାଇଁ ରଣବ ଶିପ୍ ଇଣ୍ଟରନ୍ୟାଶନାଲ ନାମକ ଏକ କମ୍ପାନୀ ଯୋଜନା ରଖିଛି । ଉଭୟ ଯାତ୍ରୀ ଏବଂ ମାଲ ପରିବହନ ଯୋଜନା ରଖିଥିବା ଏହି କମ୍ପାନୀ ଆସନ୍ତା 3ରୁ 6 ମାସ ମଧ୍ୟରେ ଉକ୍ତ କ୍ରୁଜ୍ ଚଳାଚଳ ଆରମ୍ଭ କରିବ ଏବଂ ଏଥିପାଇଁ 100 କୋଟି ଟଙ୍କା ନିବେଶ ପ୍ରସ୍ତାବ ରଖିଛି । ଏଠାରେ ଆୟୋଜିତ ଇନଭେଷ୍ଟ ଭୁବନେଶ୍ୱର ଉତ୍ସବରେ ଉଦ୍‌ବୋଧନ ଦେଇ ରଣବ୍ ଇଣ୍ଟରନ୍ୟାଶନାଲ ଲିମିଟେଡର ପ୍ରେସିଡେଣ୍ଟ ରଶ୍ମୀକାନ୍ତ କାମଦାର କହିଲେ ଏ ସମ୍ପର୍କରେ ଆମେ ରାଜ୍ୟ ସରକାରଙ୍କ ସହ କଥାବାର୍ତ୍ତା ଚଳାଇଛୁ ଏବଂ ଖୁବ୍‌ଶୀଘ୍ର ଏହା ଚୂଡାନ୍ତ ହେବା ନେଇ ଆଶାବାଦୀ ଅଛୁ । ଯାତ୍ରୀମାନଙ୍କ ପାଇଁ ଏହି କ୍ରୁଜ୍‌ରେ ଆମୋଦପ୍ରମୋଦର ସୁବିଧା ମଧ୍ୟ ରହିବ ବୋଲି ସେ କହିଛନ୍ତି ।

ଏହି ଉତ୍ସବରେ ଆଇଟି ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ଯୋଗଦେଇ ଓଡ଼ିଶାରେ ପୁଞ୍ଜିନିବେଶର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ, ନଗର ଉନ୍ନୟନ ବିଭାଗ ସଚିବ ସୌରଭ ଗର୍ଗ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଯୁବ ଓଡ଼ିଆ ଉଦ୍ୟୋଗୀମାନେ ସେମାନଙ୍କ ଉଦ୍ୟୋଗ ଜୀବନ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ସେମାନଙ୍କ ମଧ୍ୟରେ ଥିଲେ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ରୁଚିମସଲା ସିଏମଡି ଶରତ ସାହୁ, ଆଧୁନିକ ଗ୍ରୁପ୍ ଏମଡି ମନୋଜ ଅଗ୍ରୱାଲ ଏବଂ ଇଗନାଇସ ଟେକ୍ନୋଲୋଜିକ୍ ସିଇଓ ନୀହାର ସାମନ୍ତରାୟ ପ୍ରମୁଖ ।

Publication:Dharitri
Headline:Cruise from puri to Kolkatta on the cards
Date:20.12.10
Page:11